ସମ୍ବାଦ

# ଓଏସ୍ଓୟୁ ପକ୍ଷରୁ ବୃକ୍ଷରୋପଣ



ସମ୍ବଲପୁର, ୭/୭(ଇମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍ଓୟୁ) ପକ୍ଷରୁ ଏହାର ବଡ଼ସିଂହାରୀ ସ୍ଥିତ ସ୍ଥାୟୀ କ୍ୟାମ୍ପସରେ ବନ ମହୋତ୍ସବ ପାଳିତ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଅନ୍ୟ କର୍ମଚାରୀମାନଙ୍କ ସହିତ ମିଶି ବୃକ୍ଷରୋପଣ କରିଛନ୍ତି। କୁଳପତି ଏହି ଅବସରରେ କର୍ମଚାରୀମାନଙ୍କୁ ବୃକ୍ଷଗୁଡ଼ିକର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଫଳ ବଗିଚା ନିମନ୍ତେ ଯୋଜନା କରାଯିବା ସହିତ ଫଳଗଛ ରୋପଣ କରାଯାଇଥିଲା।

# ଓସୁ ସ୍ଥାୟୀ କ୍ୟାମ୍ପସ୍‌ରେ ବନ ମହୋତ୍ସବ

ସମ୍ବଲପୁର୍, ୭।୭(ସମିସ):ସମ୍ବଲପୁର ବଡସିଂହାରି ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସରେ ବନମହୋତ୍ସବ ପାଳିତ ହୋଇଯାଇଛି। କ୍ୟାମ୍ପସ ପରିସରରେ କୁଳପତି ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଉପସ୍ଥିତରେ କଲେଜ କର୍ତ୍ତୃପକ୍ଷସହ ମିଶି ବିଭିନ୍ନ ପ୍ରକାରର ୮୦ଟି ଚାରା ରୋପଣ କରାଯାଇଥିଲା। ଗଛ ଲଗାଇବା ସହ ଠିକ ଭାବରେ ଏହାର ରକ୍ଷଣାବେକ୍ଷଣ କରିବାକୁ କୁଳପତି କହିଥିଲା। ଏହ ସହ ଫଳ ବଗିଚାରେ ୧୫ଟି ପିଜୁଳି ଗଛ ଲଗାଯାଇଥିଲା।

# ଚାରା ଲଗାଇ ବନ ମହୋତ୍ସବ ପାଳିତ

## ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ନାକଟିଦେଉଳ, ୬।୭ (ନି.ପ୍ର) : ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଜି ବନ ମହୋତ୍ସବ ପାଳିତ ହୋଇଯାଇଛି । ଯୁବ ରେଡ଼କ୍ରସ୍ ଓ ଜାତୀୟ ସେବା ଯୋଜନା ପକ୍ଷରୁ ୫୦ ଚାରାରୋପଣ କରାଯାଇଥିଲା । ହେମାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ସମ୍ବଲପୁର, ୬।୭ (କାର୍ଯ୍ୟାଳୟ): ବଡ଼ସିଂଘାରୀସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ନେତୃତ୍ୱରେ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ କ୍ୟାମ୍ପସ ପରିସରରେ ପ୍ରାୟ ୮୦ଟି ବିଭିନ୍ନ କିସମର ଚାରାରୋପଣ କରିଥିଲେ । କୁଳପତି ପ୍ରଫେସର ପଟ୍ଟନାୟକ କର୍ମଚାରୀମାନଙ୍କୁ ସେମାନେ ଲଗାଇଥିବା ଚାରାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ପରିସରରେ ଏକ ଫଳ ବଗିଚା ଯୋଜନା କରାଯିବା ସହ ୧୫ଟି ଫଳ ଚାରାରୋପଣ କରାଯାଇଥିଲା ।



## ସମଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ସମ୍ବଲପୁର, ୬।୭ (କାର୍ଯ୍ୟାଳୟ): ସମଲେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ର ଏବଂ ଛାତ୍ରଛାତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ




ହୋଇଯାଇଛି । ଅଧ୍ୟକ୍ଷା ସଙ୍ଗୀତା ପୁରୋହିତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରେଡକ୍ରସ କାଉନସେଲର ଆନନ୍ଦ ଚନ୍ଦ୍ର ପତି

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବନ ମହୋତ୍ସବ



ବନମହୋତ୍ସବ ପାଇଁ ବଡସିହାରି ସ୍ଥିତ ସ୍ଥାୟୀ କ୍ୟାମ୍ପସକୁ ଶନିବାର କୁଳପତିଙ୍କ ସମେତ ଅନ୍ୟ ଅଧିକାରୀମାନେ ଯାଉଛନ୍ତି ।

ସମ୍ବଲପୁର,୬।୭(ବି.ଶଙ୍କର)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ) ପକ୍ଷରୁ ବନମହୋତ୍ସବ ସମ୍ବଲପୁର ଜିଲା ବଡସିହାରି ସ୍ଥିତ ସ୍ଥାୟୀ କ୍ୟାମ୍ପସଠାରେ ଶନିବାର ପାଳିତ ହୋଇଯାଇଛି । ଓଏସଓୟୁ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ବୃକ୍ଷ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଭିନ୍ନ କିସମର ୮୦ଟି ଚାରା ରୋପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ଫଳ ବଗିଚା ସକାଶେ ଯୋଜନା କରାଯାଇ ୧୫ଟି ପିଜୁଳି ବୃକ୍ଷଚାରା ରୋପଣ କରାଯାଇଥିଲା । ଏହି ବନମହୋତ୍ସବରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଅଧିକାରୀମାନ ସାମିଲ ହୋଇଥିଲେ । ଆଗାମୀ ଦିନରେ ବିଶ୍ୱ ବିଦ୍ୟାଳୟକୁ ସବୁଜ ଓ ସୁନ୍ଦର କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ ।

# ଓଏସ୍‌ଓୟୁ ପକ୍ଷରୁ ବନମହୋତ୍ସବ



ସମ୍ବଲପୁର, ୬।୭(ବ୍ୟୁରୋ): ବଡ଼ସିଂହାରୀ ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବନମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ୟାମ୍ପସ ପରିସରରେ ୮୦ ପ୍ରକାର ଗଛ ଲାଗାଯାଇଥିଲା। ଏହି ସମୟରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।